

# ସାଇବର୍ ଠକଙ୍କ ଟାର୍ଗେଟ୍‌ରେ ରଥଯାତ୍ରା

■ ହୋଟେଲ ନାଁରେ ନକଲି ୱେବ୍‌ସାଇଟ୍ ଖୋଲି ଠକୁଛନ୍ତି
■ ସଚେତନ କଲା ପୁଲିସ



ଭୁବନେଶ୍ୱର, ୨୩।୬(ସମିସ)

ସାଇବର୍ ଠକଙ୍କ ଟାର୍ଗେଟରେ ରଥଯାତ୍ରା। ରଥଯାତ୍ରା ପାଇଁ ଏବେ ପୁରୀକୁ ଦେଶ ବିଦେଶରୁ ଲୋକଙ୍କ ସୁଅ ଛୁଟିବ। ତେଣୁ ଏହି ମୌକାରେ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଠକିବା ପାଇଁ ସାଇବର୍ ଠକମାନେ ବଡ଼ଧରଣର ଯୋଜନା କରିଛନ୍ତି। ବିଶେଷକରି ପୁରୀରେ ଥିବା ବଡ଼ବଡ଼ ହୋଟେଲ, ଲଜ୍ ଉପରେ ସେମାନେ ଆଖି ପକାଇଛନ୍ତି। ପର୍ଯ୍ୟଟକମାନେ ପୁରୀରେ ରହିବା ପାଇଁ ଅନ୍‌ଲାଇନ୍ ହୋଟେଲ ବୁକ୍ କରୁଥିବାରୁ ସାଇବର୍ ଠକ ଏବେ ବିଭିନ୍ନ ହୋଟେଲ ନାଁରେ ନକଲି ୱେବ୍‌ସାଇଟ୍ ଖୋଲି ଠକେଇ ପାଇଁ ଜାଲ ବଛାଇଛନ୍ତି। ଯିଏ ସଠିକ୍ ଅନୁସନ୍ଧାନ ନ କରି ହୋଟେଲ ବୁକ୍ କରିବେ, ସେମାନେ ଏହି ଠକଙ୍କ ଦ୍ୱାରା ଶିକାର ହେବେ। କେବଳ ଗତ ୧୧ ମାସରେ ଏଭଳି ୨ଶହରୁ ଅଧିକ ମାମଲା ଦେଖିବାକୁ ମିଳିଛି। ଆଗକୁ ଏଭଳି ରଥଯାତ୍ରା ଥିବାରୁ ଠକେଇ ବଢ଼ିବ। ତେଣୁ ଗତବର୍ଷ ଭଳି ଓଡ଼ିଶା ପୁଲିସ ହୋଟେଲ କର୍ମଚାରୀ ଏବଂ ପର୍ଯ୍ୟଟକଙ୍କୁ ସଚେତନ କରିଛନ୍ତି। ଏଭଳି ନକଲି ୱେବସାଇଟ୍ ହୋଟେଲ ନାମରେ ଖୋଲା ହୋଇଥିବା ଜାଣିବା ପରେ ପୁଲିସକୁ ଜଣାଇବାକୁ କୁହାଯାଇଛି। ଅପରପକ୍ଷେ, ପର୍ଯ୍ୟଟକଙ୍କ ମଧ୍ୟ ପୁଲିସ ସଚେତନ କରିଛି। ୱେବ୍‌ସାଇଟ ରୁମ୍ ଦେଖିବା ପରେ ହୋଟେଲ କର୍ମଚାରୀଙ୍କ ସହ ଯୋଗାଯୋଗ କରିବେ। ବିନା ଯୋଗାଯୋଗରେ କୌଣସି ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ କରିବାକୁ ପୁଲିସ ମନା କରିଛି। ପୁରୀକୁ ପ୍ରତିଦିନ ହଜାର ହଜାର ଦର୍ଶକ ଆସୁଥିବା ସାଇବର ଠକ ପୁରୀର ଏକାଧିକ ହୋଟେଲ୍ ନାମରେ ନକଲି ୱେବସାଇଟ୍ ଖୋଲି ଠକୁଛନ୍ତି। ତେଣୁ ଏଭଳି ଠକେଇ ପୁରୀରେ ସର୍ବାଧିକ ହେବା ପରେ ଏବେ ଭୁବନେଶ୍ୱରରେ ହେଉଛି। ଏଭଳି ଠକେଇ ଅଧିକ ମାତ୍ରାରେ ହେଉଥିବାରୁ ପୁଲିସର ଚିନ୍ତା ବଢ଼ିଛି। ତେଣୁ ପୁଲିସ ଲୋକଙ୍କୁ ସଚେତନ କରିବା ସହ ନକଲି ୱେବସାଇଟ୍ ବନ୍ଦ କରିବା ପାଇଁ ପ୍ରୟାସ କରିଛି। ଏନେଇ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସଚେତନ କରିବା ସହ ସାଇବର ଏକ୍ସପର୍ଟ ସହ ଆଲୋଚନା କରିଛନ୍ତି। ସେମାନଙ୍କ ମତ ଅନୁସାରେ ନକଲି ୱେବସାଇଟଟ୍ ବନ୍ଦ କରିବା ପାଇଁ ପ୍ରୟାସ କରାଯିବ ବୋଲି ପୁଲିସ କହିଛି।



# ଜମି ହଡ଼ପକାରୀ ଗ୍ୟାଙ୍ଗ୍‌ର ୩ ଗିରଫ

ଭୁବନେଶ୍ୱର, ୨୩।୬ (ସମିସ): ସରକାରୀ ଓ ବେସରକାରୀ ଜମି ହଡ଼ପ କରୁଥିବା ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭରତପୁରର ବାଟୁଆ ଦାସ (୨୨), ଭାଗିରଥି ଦାସ (୨୪) ଓ ସତ୍ୟଜିତ ନାୟକ ଓରଫ୍ ସୁନିଲ (୨୬)।

ପୁଲିସ ସୂଚନା ଅନୁସାରେ, ଅସାମାଜିକ ବ୍ୟକ୍ତିମାନେ ଶ୍ୟାମପୁର ଅଞ୍ଚଳରେ ଥିବା ଜମିରୁ ଜେସିବି ଦ୍ୱାରା ଗଛ କାଟି ବାଡ଼ ହଟାଇ ଜୋରଜବରଦସ୍ତ ଜମି ଦଖଲ ନେଉଥିବା ମାଲିକ ମନୋରଞ୍ଜନ ବେହେରା ଖବର ପାଇଥିଲେ। ସେ ତାଙ୍କ ଭଣଜା ଓ ଅନ୍ୟମାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅନିଲ, ସୁନିଲ, ବାଟୁ, ଭାଗି, ମଣ୍ଟୁ, ଅଜୁ ସମେତ ୧୫ ରୁ ଅଧିକ ଲୋକ ବେସରକାରୀ ଓ ସରକାରୀ ଜମି ଜବରଦଖଲ କରୁଥିବାର ଦେଖିଥିଲେ। ମନୋରଞ୍ଜନ ବିରୋଧ କରିବାରୁ ଅଭିଯୁକ୍ତମାନେ ଖଣ୍ଡା, ଲୁହା ଛଡ଼ ଓ ପାଇପରେ ପ୍ରବଳ ଆକ୍ରମଣ କରିଥିଲେ। ଫଳରେ ମନୋରଞ୍ଜନଙ୍କ ପେଟ, ହାତ ଓ ବେକରେ ଆଘାତ ଲାଗିଥିଲା। ସ୍ଥାନୀୟ ଗ୍ରାମବାସୀ ପହଞ୍ଚିବାରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ। ମନୋରଞ୍ଜନ ଓ ଅନ୍ୟ ସହଯୋଗୀମାନେ ଡାକ୍ତରଖାନାରେ ଚିକିତ୍ସିତ ହେବାପରେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

କାଲି ସନ୍ଧ୍ୟାରେ ଭରତପୁର ଥାନା ପୁଲିସ ବିଣାଭାରତୀ ଅଞ୍ଚଳରୁ ବାଟୁଆ, ଭାଗୀରଥି ଓ ସତ୍ୟଜିତକୁ ଗିରଫ କରିଥିଲା। ତଲାସି ବେଳେ ସେମାନଙ୍କ ନିକଟରୁ ଖଣ୍ଡା ଓ ଧାତୁ ପାଇପ୍ ଭଳି ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ସେମାନେ ଜମିକୁ ଜୋରଜବରଦସ୍ତ ହଡ଼ପ କରୁଥିବା କଥା ସ୍ୱୀକାର କରିଥିଲେ। ଅଭିଯୁକ୍ତ ବଟୁଆ ନାମରେ ପୂର୍ବରୁ ଭରତପୁର ଥାନାରେ ଗୋଟିଏ ମାମଲା ରହିଥିବା ବେଳେ ଭାଗୀରଥି ନାମରେ ଭରତପୁର ଓ ଖଣ୍ଡଗିରି ଥାନାରେ ୪ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ସତ୍ୟଜିତ ମଧ୍ୟ ପୂର୍ବରୁ ଗୋଟିଏ ଅସ୍ତ୍ରଶସ୍ତ୍ର ଓ ଆକ୍ରମଣ ମାମଲାରେ ଜଡିତ। ଗିରଫ ଅଭିଯୁକ୍ତମାନେ ବଳ ପ୍ରୟୋଗ ଓ ଅପରାଧିକ ଧମକ ଦେଇ ଜମି ହଡ଼ପ କରି ଆସୁଥିବାବେଳେ ସେମାନଙ୍କ ଅନେକ ବେଆଇନ ନିର୍ମାଣ ଓ ସ୍ଥାନୀୟ ଅଶାନ୍ତି ସୃଷ୍ଟି କରୁଛନ୍ତି।

# ନାବାଳିକା ଅସଦାଚରଣକାରୀକୁ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୩।୬ (ସମିସ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଆଡହକ ଆଡିସନାଲ ସେସନ୍ସ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ବିଚାରପତି ସରୋଜ କୁମାର ସାହୁ ଘଟଣାର ବିଚାରକରି ଆସାମୀ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆକୁ ଦୋଷୀ ସାବ୍ୟସ୍ତ କରିବା ସହିତ ସଜା ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁସାରେ, ନାବାଳିକା ଜଣକ ପରିବାର ସହିତ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ। ୨୦୨୮ ମସିହା ଅଗଷ୍ଟ ମାସ ୭ ତାରିଖ ଦିନ ମାଆ କାମରୁ ଘରକୁ ଫେରିବା ପରେ ତାଙ୍କ ୯ ବର୍ଷ ବୟସର ନାବାଳିକା ଝିଅକୁ ପାଇନଥିଲେ। ଖୋଜାଖୋଜି କରିବା ବେଳେ ନାବାଳିକା ଝିଅ ପୂର୍ଣ୍ଣଚନ୍ଦ୍ରର ଗୋଶାଳାରୁ ବାହାରକୁ ଆସୁଥିବା ଦେଖିଥିଲେ। ଭୟରେ ନାବାଳିକା ଜଣକ ସେହି ରାତିରେ ତାଙ୍କ ମାଆଙ୍କୁ କିଛି କହି ନଥିଲେ। ପରଦିନ ନାବାଳିକା ଚାଲିବାରେ କଷ୍ଟ ଅନୁଭବ କରିଥିଲେ। ମାଆ ଏନେଇ ପଚାରିବାରୁ, ପୂର୍ଣ୍ଣଚନ୍ଦ୍ର ତାଙ୍କୁ ଦୁଇଥର ଗୋଶାଳା ଭିତରକୁ ନେଇ ଯାଇଥିଲା ଓ ଚକୋଲେଟ, ବିସ୍କୁଟ, ମିକ୍ସଚର ଓ ୧୦ ଟଙ୍କା ଦେବା ପରେ ତାଙ୍କୁ ବିବସ୍ତ୍ର କରି ଖରାପ କାମ କରିଥିଲା ବୋଲି ପୀଡ଼ିତା କହିଥିଲେ। ଯେତେବେଳେ ସେ ଅଭିଯୁକ୍ତର କଥାରେ ଯାଉ ନ ଥିଲେ, ସେତେବେଳେ ଅଭିଯୁକ୍ତ ତାଙ୍କୁ ଜୋରଜବରଦସ୍ତି ଉଠାଇ ନେଉଥିଲା।

ଏନେଇ ପୀଡ଼ିତାଙ୍କ ମାଆ ସେହି ମାସ ୧୦ ତାରିଖ ଦିନ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଞ୍ଚେଶ୍ୱର ଥାନା ପୁଲିସ କେସ୍ ନଂ - ୩୮୪/୨୦୧୮ ରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ମଞ୍ଚ?ଶ୍ୱର ଥାନା ଅଧିକାରୀ ମାମଲାଟିକୁ ଭୁବନେଶ୍ୱରର ଡିସିପିଙ୍କ ନିକଟକୁ ପଠାଇବା ପରେ ତଦନ୍ତ ଦାୟିତ୍ୱ ତତ୍କାଳୀନ ଏସିପି ଅତନୁ କୁମାର ରାଉତଙ୍କୁ ଦିଆଯାଇଥିଲା। ଶ୍ରୀ ରାଉତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଦାଲତରେ ଏକ ଚାର୍ଜସିଟ୍ ଦାଖଲ ଦାଖଲ କରିଥିଲେ। ଅଦାଲତ ଘଟଣା ୧୩ ଜଣ ସାକ୍ଷୀ, ୫ଟି ସାମଗ୍ରୀ ଯାଞ୍ଚ ଓ ୬୫ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଆସାମୀ ପୂର୍ଣଚନ୍ଦ୍ର ଖୁଣ୍ଟିଆକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଆଇପିସି ଧାରା ୩୫୪(ଏ)(୧)(ଆଇ) ଅନୁଯାୟୀ ୦୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧ ମାସର କାରାଦଣ୍ଡ ଆଦେଶ ରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

**ଗଣଦୁଷ୍କର୍ମ ଘଟଣାର ପ୍ରତିବାଦ**

# ବିକ୍ଷୋଭରେ ଗର୍ଜିଲେ ମହିଳା




ଭୁବନେଶ୍ୱର, ୨୩।୬(ସମିସ): ଗୋପାଳପୁର, ହରିଚନ୍ଦନପୁର, ବାରିପଦା ସମେତ ରାଜ୍ୟରେ ବୃଦ୍ଧି ପାଇ ଚାଲିଥିବା ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଘଟଣା ପ୍ରତିବାଦରେ ସୋମବାର ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ ହୋଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାରା ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଆଦି ଅପରାଧମୂଳକ କାର୍ଯ୍ୟକଳାପ ଉଦବେଗଜନକ ଭାବରେ ବୃଦ୍ଧି ପାଇ ଚାଲିଛି। ନାରୀ ଓ ଶିଶୁମାନଙ୍କର ନିରାପତ୍ତା ଆଜି ସମ୍ପୂର୍ଣ୍ଣ ବିପନ୍ନ। ତେଣୁ ଗୋପାଳପୁର, ହରିଚନ୍ଦନପୁର, ବାରିପଦା ସମେତ ଅନ୍ୟାନ୍ୟ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା, ନାରୀର ନିରାପତ୍ତା ପାଇଁ ମଦ-ମାଦକ ଦ୍ରବ୍ୟ ତଥା ଅଶ୍ଳୀଳତା-ଯୌନତା ଓ ଅପରାଧମୂଳକ କାର୍ଯ୍ୟକ୍ରମର ପ୍ରସାରଣ ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟିର ଉପ ସଭାନେତ୍ରୀ ନିୟତି ଜାନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସଭାନେତ୍ରୀ ବିଜୟା ଲକ୍ଷ୍ମୀ ପାତ୍ର, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମଙ୍କ ସମେତ ପ୍ରବାସିନୀ ରାଉଳ, ସୁନିତା ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ବିକ୍ଷୋଭସ୍ଥଳରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଧାର ଟଙ୍କା ମାଗିବାରୁ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୨୩।୬ (ସମିସ): ଧାର ଟଙ୍କା ମାଗିବାରୁ ପରିବାରକୁ ଆକ୍ରମଣ ହୋଇଛି। ବାୟା ବାବା ମଠ ବସ୍ତି ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସେହି ବସ୍ତିର ପୃଥିବୀ ଭୋଳ (୩୩)। ପୁଲିସ ସୂଚନା ଅନୁସାରେ, ବାୟା ବାବା ମଠ ବସ୍ତିର ଅଜୟ ଭୋଳ ସ୍ଥାନୀୟ ଅଞ୍ଚଳର ମିଥୁନ ବେହେରାଙ୍କ ଠାରୁ କିଛି ଟଙ୍କା ଧାର ସୂତ୍ରରେ ନେଇଥିଲେ। ତେବେ ଅଜୟ ପ୍ରତିଶ୍ରୁତି ମୁତାବକ ଟଙ୍କା ନ ଫେରାଇବାରୁ ମିଥୁନ ଗତ ୧୩ ତାରିଖ ଦିନ ତାଙ୍କୁ ଟଙ୍କା ମାଗିଥିଲେ। ସେହି ସମୟରେ ଅଜୟର ସାନଭାଇ ପୃଥିବୀ ହିଂସାତ୍ମକ ହୋଇ ମିଥୁନଙ୍କୁ ଆକ୍ରମଣ କରିଥିଲା। ମିଥୁନଙ୍କ ପତ୍ନୀ ଓ ତାଙ୍କ ପରିବାର ସଦସ୍ୟମାନେ ଦୌଡ଼ି ଆସିବାରୁ ପୃଥିବୀ ତାଙ୍କ ଡ୍ରେସ ଟଣାଓଟରା କରି ଅସଦାଚରଣ କରିବା ସହିତ କାଠ ଫାଳିଆରେ ହାତକୁ ଆକ୍ରମଣ କରିଥିଲା। ଏମିତିକି ମିଥୁନଙ୍କ ବାପା ଯୁଧିଷ୍ଠିରଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲା। ଏନେଇ ସହିଦନଗର ଥାନା ପୁଲିସ ମାମଲା ରୁଜୁ କରିବା ସହିତ ପୃଥିବୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗାଡ଼ି ଡିକି ଭାଙ୍ଗି ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର, ୨୩।୬ (ସମିସ): ଗାଡ଼ି ଡିକି ଭାଙ୍ଗି ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହଳଦୀ ପଡ଼ିଆ ବସ୍ତିର ସଞ୍ଜୟ ମହାନ୍ତି (୨୭)। ପୁଲିସ ସୂଚନା ଅନୁସାରେ, ଗତ ଶନିବାର ଦିନ ପ୍ରମୋଦ ଦାସ ତାଙ୍କ ବାଇକକୁ ହଳଦୀ ପଡ଼ିଆ ବସ୍ତିରେ ପାର୍କିଂ କରିଥିଲେ। ସେହି ସମୟରେ ସଞ୍ଜୟ ତାଙ୍କ ଗାଡିର ଡିକି ଭାଙ୍ଗି ସେଥିରୁ ଗୋଟିଏ ମେସିନ୍, ଗୋଟିଏ ରେନକୋଟ ଓ ୩୫ ହଜାର ଙ୍କା ଚୋରି କରି ନେଇଥିଲା। ଘଟଣା ସମୟରେ ସଞ୍ଜୟକୁ ଚୋରି କରୁଥିବା ବେଳେ ଦେଖିଥିବା ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ତା'କୁ ଚିହ୍ନଟ କରିଥିଲେ। ଗତକାଲି ସନ୍ଧ୍ୟାରେ ଲକ୍ଷ୍ମୀସାଗର କେନାଲ ରୋଡରୁ ସଞ୍ଜୟକୁ ଗିରଫ କରିବା ସହିତ ତା' ଠାରୁ ମେସିନ୍, ରେନକୋଟ, ୪୫୦୦ ଟଙ୍କା ଏବଂ ଗୋଟିଏ ଲୁହା କଟୁରି ଜବତ କରିଥିଲା। ସଞ୍ଜୟ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ଲକ୍ଷ୍ମୀସାଗର ଓ ବଡ଼ଗଡ଼ ଥାନାରେ ଚୋରି, ନିଶା କାରବାର ଓ ଆକ୍ରମଣ ସମ୍ବନ୍ଧୀୟ ୨୧ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ଡ୍ରାଇଭର ଦେଖାଇଲେ ମହାନତା

ଭୁବନେଶ୍ୱର, ୨୩।୬ (ସମିସ): ମହାନତା ଦେଖାଇଛନ୍ତି କ୍ୟାବ୍ ଡ୍ରାଇଭର। ଯାତ୍ରୀ ଛାଡ଼ି ଯାଇଥିବା ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରାଇ ଉଦାହରଣ ସୃଷ୍ଟି କରିଛନ୍ତି।

ପୁରା ଘଟଣା ଥିଲା ଏମିତି, ସୂର୍ଯ୍ୟମଣି ପରିଡ଼ାଙ୍କ ଭଉଣୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଭିଣୋଇ ଓ ଭାଣେଜୀ ସ୍ଥାନୀୟ ଏକ ଲଜରେ ଥିଲେ। ଭିଣୋଇ ଓ ଭାଣେଜୀଙ୍କୁ ଏକାମ୍ର ବିହାର ସ୍ଥିତ ଘରେ ଛାଡ଼ିବା ପାଇଁ ସୂର୍ଯ୍ୟ ଏକ କ୍ୟାବ୍ ଭଡ଼ା କରିଥିଲେ। କ୍ୟାବ୍ ଡ୍ରାଇଭର ସେମାନଙ୍କୁ ଏକାମ୍ର ବିହାରରେ ଛାଡ଼ିଥିଲା। ହେଲେ ସୂର୍ଯ୍ୟ ଭୁଲ୍ ବଶତଃ କାର ଭିତରେ ଏକ ମୋବାଇଲ, ୧୬ ହଜାର ଟଙ୍କା, ଔଷଧ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ବ୍ୟାଗ୍ ଛାଡ଼ି ପଳାଇଥିଲେ। କ୍ୟାବ୍ ଡ୍ରାଇଭର ରାତିରେ ଘରକୁ ଫେରି ଏସବୁ ଜିନିଷ ପାଇବା ପରେ ମାଲିକାଣୀଙ୍କୁ ଜଣାଇଥିଲେ। ଗାଡ଼ି ମାଲିକାଣୀ ଉକ୍ତ ଫୋନକୁ ଚାର୍ଜ କରି ଅନ୍ କରିଥିଲେ। ସେହି ଫୋନର ଡାଏଲ ତାଲିକାରେ ଥିବା ନମ୍ବରକୁ କଲ୍ କି ସୂର୍ଯ୍ୟଙ୍କୁ ଯୋଗାଯୋଗ କରିଥିଲେ। ଆଜି ସକାଳୁ ସୂର୍ଯ୍ୟ ଖଣ୍ଡଗିରି ଥାନାରେ ପହଞ୍ଚିବା ପରେ ମାଲିକାଣୀ ଓ କ୍ୟାବ୍ ଡ୍ରାଇଭର ମିଶି ତାଙ୍କୁ ଟଙ୍କା ଓ ସମସ୍ତ ଜିନିଷପତ୍ର ଫେରାଇ ଥିଲେ। ଟଙ୍କା ଫେରି ପାଇବା ପରେ ସୂର୍ଯ୍ୟମଣି ଡ୍ରାଇଭର ଓ ମାଲିକାଣୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଫୁଟ୍‌ପାଥ୍ ଉପରକୁ ମାଡ଼ି ଆସିଲାଣି ଅଳିଆଗଦା



ଭୁବନେଶ୍ୱର, ୨୩।୬(ସମିସ)

ସହରଯାକ ଅଳିଆ ପଡ଼ିରହୁଛି। ବିଏମ୍‌ସିର ଦେଖା ଦର୍ଶନ ନାହିଁ। ଉଠାଇବାକୁ କେହି ଆସୁ ନାହାନ୍ତି। ପୂର୍ବରୁ ଖାଲି ସ୍ଥାନ କିମ୍ବା ରାସ୍ତା କିମ୍ବା ନାଳ କଡ଼ ଦେଖି ଅଳିଆ ଫୋପଡ଼ା ଯାଉଥିଲା। ଏହି ସ୍ଥାନ ଗୁଡ଼ିକରେ ଅଘୋଷିତ ଅଳିଆ ଗଦା ଦେଖାଯାଉଥିଲା। ହେଲେ ଏବେ ଫୁଟ୍‌ପାଥ୍ ଉପରକୁ ଅଳିଆ ଗଦା ମାଡି ଆସିଲାଣି। ଅଧିକାଂଶ ଫୁଟ୍‌ପାଥ୍ ଏବେ ଅଳିଆଗଦାରେ ପରିଣତ ହେଲାଣି। ଫଳରେ ଲୋକଙ୍କୁ ଯିବା ଆସିବା କରିବା କଷ୍ଟ ହେଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

କିଛିଦିନ ତଳେ କଳିଙ୍ଗ ଷ୍ଟୁଡିଓ ପାଚେରୀ ପାଖରେ ଏକ ଫୁଟ୍‌ପାଥ୍ ନିର୍ମାଣ କରାଗଲା। ଏହି ଫୁଟ୍‌ପାଥ୍‌କୁ ପେଭର ବ୍ଲକ ପକାଇ ଆକର୍ଷଣୀୟ କରାଗଲା। ଲୋକେ ଚାଲିବାକୁ ଏହି ଫୁଟ୍‌ପାଥ୍‌କୁ ବ୍ୟବହାର କଲେ। ହେଲେ ମାତ୍ର ଦିନ କେଇଟା ଭିତରେ ଫୁଟ୍‌ପାଥ୍ ଅଳିଆଗଦାରେ ପରିଣତ ହୋଇଗଲା। ପ୍ରଥମେ କିଛି କିଛି ଅଳିଆ ପଡ଼ିଲା। ହେଲେ ପରେ ଏହା ସମ୍ପୂର୍ଣ୍ଣ ଅଳିଆଗଦା ପାଲଟିଗଲା। ଦିନ ଦିନ ଧରି ଏଠାରେ ଅଳିଆ ପଡ଼ି ରହୁଛି। ହେଲେ ଉଠାଇବାକୁ କେହି ଆସୁ ନାହାନ୍ତି। ସହରର ସୌନ୍ଦର୍ଯ୍ୟ ନଷ୍ଟ ହୋଉଛି। ଫୁଟ୍‌ପାଥ୍‌କୁ ଅଳିଆଗଦାରେ ପରିଣତି କରିବା ଏକ ଖରାପ ପରମ୍ପରା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ରାଜଧାନୀରେ ବିଏମ୍‌ସି କିଛି ୱାର୍ଡର ଅଳିଆ ଉଠାଉଛି। ଏହାସହ ୪ଟି ଏଜେନ୍ସି ମଧ୍ୟ ନିୟୋଜିତ କରାଯାଇଛି। ଆଗକୁ ସ୍ୱଚ୍ଛ ସର୍ବେକ୍ଷଣ ମଧ୍ୟ ହେବାକୁ ଯାଉଛି। ଏହା ସତ୍ତ୍ୱେ ମଧ୍ୟ ରାଜଧାନୀ ଯାଗ ଅଳିଆ ପଡ଼ି ରହିଛି। ପୂର୍ବରୁ ଗଳି କିମ୍ବା ଉପକଣ୍ଠରେ ଅଳିଆ ପଡ଼ି ରହିବାକୁ ଧ୍ୟାନ ଦିଆଯାଉ ନଥିଲା। ହେଲେ ଏବେ ରାଜଭବନ ନିକଟସ୍ଥ ଅଞ୍ଚଳ, ସଚିବାଳୟ ପାଖ, ଖଣ୍ଡଗିରି, କଳିଙ୍ଗ ଷ୍ଟୁଡିଓ ପ୍ରଭୃତି ପ୍ରଶାସିନକ ପେଣ୍ଠସ୍ଥଳରେ ବି ଅଳିଆ ଜମା ହେଉଛି। ଏଭଳି ହେବା ଦ୍ୱାରା ଆଗାମୀ ଦିନରେ ଭୁବନେଶ୍ୱର ଛବି ଖରାପ ହେବାର ଅନେକ ଆଶଙ୍କା ରହିଛି।

**ହୋର୍ଡିଂ କାମ କରିବା ବେଳେ ଅଘଟଣ**

# ବିଦ୍ୟୁତ୍ ଆଘାତରେ ଇଲେକ୍ଟ୍ରିସିଆନ୍ ମୃତ

ଭୁବନେଶ୍ୱର, ୨୩।୬ (ସମିସ): ହୋର୍ଡିଂ କାମ କରୁଥିବା ବେଳେ ପ୍ରାଣ ହରାଇଛନ୍ତି ଇଲେକ୍ଟ୍ରିସିଆନ। ମୃତକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳର ବିନୋଦ ସ୍ୱାଇଁ (୪୮)। ମିଳିଥିବା ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ବିନୋଦ ଜୟଦେବ ବିହାର ଛକରେ ଥିବା ଏକ ବିଜ୍ଞାପନ ସଂସ୍ଥାର ହୋର୍ଡିଂରେ ଚଢ଼ି କାମ କରୁଥିଲେ। ସେହି ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳେ ପଡ଼ି ଯାଇଥିଲେ। ଖବରପାଇ ସହିଦନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ବିନୋଦଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନାବାଳିକା ଅସଦାଚରଣ ଘଟଣାରେ ଯୁବକ ଗିରଫ

ବାଲିଅନ୍ତା, ୨୩।୬(ସମିସ): ନାବାଳକକୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ ପରେ ଅସଦାଚରଣ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ବାଲିଅନ୍ତା ଥାନା ପୁଲିସ। ଗିରଫ ଯୁବକ ହେଲା ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଜିତିକାର ସୁଆଁଲୋ ଗ୍ରାମର ନରେଶ ଦାସ (୨୧)। ତେବେ କୋର୍ଟରେ ନରେଶ ଜାମିନ ଖାରଜ ହୋଇଯିବାରୁ ଝାରପଡ଼ା ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମସିହା ଫେବୃୟାରୀ ୨୪ ତାରିଖରେ ନରେଶ ଅଭିଯୋଗକାରୀଙ୍କ ୧୬ ବର୍ଷର ନାବାଳିକା ଝିଅକୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରି ଅପହରଣ କରିଥିଲା। ଅଭିଯୁକ୍ତର କକା, ଅଭିଯୁକ୍ତ ନରେନ୍ଦ୍ର କୁମାର ଦାସ ଓରଫ ମୁନ୍ନାଙ୍କ ସହାୟତାରେ ସେମାନଙ୍କୁ ଲୁଚାଇ ରଖାଯାଇଥିଲା ଏବଂ ପୀଡିତାଙ୍କୁ ହାଇଦ୍ରାବାଦ ସମେତ ବିଭିନ୍ନ ସ୍ଥାନକୁ ନିଆଯାଇଥିଲା। ଲୁଚାଇ ରଖିବା ସମୟରେ ନରେଶ ପୀଡିତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ଅଭିଯୁକ୍ତ ନରେନ୍ଦ୍ର କୁମାର ଦାସ ପ୍ରଥମେ ପୁରୁଷୋତ୍ତମଙ୍କ ସଂସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରେ ପ୍ରାୟ ୧୭ ଦିନ ପାଇଁ ସେମାନଙ୍କୁ ଆଶ୍ରୟ ଦେଇଥିଲେ ଏବଂ ପରେ ଗିରଫଦାରୀରୁ ରକ୍ଷା ପାଇବା ପାଇଁ ହାଇଦ୍ରାବାଦକୁ ପଳାୟନ କରିବାରେ ସାହାଯ୍ୟ କରିଥିଲେ।

# ୨୦୦ ଫୁଟିଆ ରାସ୍ତାକୁ ବିରୋଧ; ଫେରିଲା ବିଏମ୍‌ସି ଟିମ୍

**ଡକ୍ୟୁମେଣ୍ଟ୍ ଦେଲେନି ବସ୍ତିବାସିନ୍ଦା**

ଭୁବନେଶ୍ୱର, ୨୩।୬(ସମିସ): ଜୟଦେବ ବିହାରରୁ ସାଲିଆସାହି ଦେଇ ନନ୍ଦନକାନନ ପର୍ଯ୍ୟନ୍ତ ଯିବାକୁ ଥିବା ରାସ୍ତାକୁ ବିରୋଧ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଏମିତି କି ଏ ନେଇ ବିଏମ୍‌ସି ମାଗିଥିବା ଡକ୍ୟୁମେଣ୍ଟ ଦେବା ପାଇଁ ଲୋକେ ମନା କରିବାକୁ ବିଏମ୍‌ସି ଟିମ୍ ନିରାଶ ହୋଇ ଫେରି ଆସିଛନ୍ତି। ଖବର ନେବାରୁ ଜଣାପଡ଼ିଛି ଯେ, ଭୁବନେଶ୍ୱର ସହରରେ ଭିଡ଼ କମାଇବାକୁ ସାଲିଆ ସାହି ମଧ୍ୟ ଦେଇ ଯାଉଥିବା ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୨୦୦ଫୁଟିଆ ରାସ୍ତା ନିର୍ମାଣର ଯୋଜନା କରାଯାଇଛି। ଏହାଦ୍ୱାରା ସାଲିଆ ସାହିରେ କିଛି ଘରକୁ ଉଚ୍ଛେଦ କରାଯିବ। ଏହି ଘରଗୁଡ଼ିକୁ ଭାଙ୍ଗିବାକୁ ସର୍ଭେ ଶେଷ ହୋଇଛି। ପ୍ରଭାବିତ ହେବାକୁ ଥିବା ବସ୍ତିବାସିନ୍ଦାଙ୍କୁ ଏହା ବଦଳରେ ଋଣ ଦ୍ୱାରା ଘର ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା। ସର୍ଭେକୁ ଆଧାର କରି ଏକ ତାଲିକା ପ୍ରକାଶ ପାଇଥିଲା। ହେଲେ ଏହି ତାଲିକାରେ ନାମ ଥିବା କୌଣସି ହିତାଧିକାରୀ ଆବଶ୍ୟକ କାଗଜପତ୍ର ଦାଖଲ କରି ନ ଥିଲେ। ଏଣୁ ବିଏମ୍‌ସି ଅଧିକାରୀମାନେ ଘର ଘର ବୁଲି ଏହି କାଗଜପତ୍ର ସଂଗ୍ରହ କରିବାକୁ ସୋମବାର ସାଲିଆ ସାହିକୁ ଯାଇଥିଲେ। ହେଲେ ବିଏମ୍‌ସି କର୍ମଚାରୀଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ବିଏମ୍‌ସି ଅଧିକାରୀ ଏବଂ ବସ୍ତିବାସିନ୍ଦାଙ୍କ ମଧ୍ୟରେ କଥା କଟି ହୋଇଥିଲା। କୌଣସି ଲୋକେ ନିଜର ଡକ୍ୟୁମେଣ୍ଟ ଦେଇ ନ ଥିଲେ। ଡକ୍ୟୁମେଣ୍ଟ ସଂଗ୍ରହ ବେଳେ ଛକାପଞ୍ଝା ହୋଇଥିଲା। ଆମେ ଘର ନେବୁ ନାହିଁ। ଜମି ବଦଳରେ ଜମି ଦେବାକୁ ବସ୍ତି ବାସିନ୍ଦ ଅଡି ବସିଥିଲେ। ଏହା ସହ ପ୍ରସ୍ତାବିତ ରାସ୍ତା ଉପରେମଧ ପ୍ରଶ୍ନ କରିଥିଲେ। ସାଲିଆ ସାହି ମଧ୍ୟରେ ସିଧା ରାସ୍ତା ଗଲେ କମ୍ ଲୋକଙ୍କ ଘର ଭାଙ୍ଗିବ। ଏଣୁ ପ୍ରସ୍ତାବିତ ରାସ୍ତାର ନକ୍ସା ପରିବର୍ତ୍ତନ କରିବାକୁ ଦାବି କରାଯାଇଥିଲା। ଏସମ୍ପର୍କରେ ବିଏମ୍‌ସିର ଅତିରିକ୍ତ କମିଶନର ସୁଭେନ୍ଦୁ ସାହୁ କହିଛନ୍ତି ବିଏମ୍‌ସି ପକ୍ଷରୁ ଡକ୍ୟୁମେଣ୍ଟ ସଂଗ୍ରହ କରିବାକୁ ଆସିଥିଲୁ। ଯାହାଦ୍ୱାରା ହିତାଧିକାରୀ ଋଣରେ ଘର ପାଇ ପାରିବେ।







# ଏକାମ୍ର କ୍ଷେତ୍ରରେ ଗଢ଼ିବ ୫୪ ରଥ

ଭୁବନେଶ୍ୱର, ୨୩।୬(ସମିସ)

ଆଉ ମାତ୍ର ଦିନ କେଇଟା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା। ଏଥିପାଇଁ ସଜେଇ ହେଉଛି ଏକାମ୍ରକ୍ଷେତ୍ରର ଛୋଟବଡ଼ ଜଗନ୍ନାଥ ମନ୍ଦିର ସହ ମହାବାହୁଙ୍କ ରଥ। ଚାରିଆଡ଼େ ସୃଷ୍ଟି ହେବ ଭକ୍ତିମୟ ପରିବେଶ। ଜାତି ଧର୍ମ ନିର୍ବିଶେଷରେ ରଥ, ପଥ ଓ ଭକ୍ତ ସମସ୍ତେ ହେବେ ଏକାକାର। ବଡ ଦେଉଳରୁ ପ୍ରଭୁ ବାହାରିବେ ପଦାକୁ।

- ରଥଗଢ଼ାରେ ନିମଗ୍ନ କାରିଗର
- ଶ୍ରୀକ୍ଷେତ୍ର ରୀତିନୀତିରେ ଇସ୍କନ ରଥଯାତ୍ରା
- ଶ୍ରୀବାଣୀ କ୍ଷେତ୍ରରେ ମହିଳା ଟାଣିବେ ସୁଭଦ୍ରାଙ୍କ ରଥ



ଚକା ଚକା ଆଖିରେ ଦର୍ଶନ ଦେବେ ଭକ୍ତଙ୍କୁ। କେବଳ ରଥ ନୁହେଁ ପଥ ବି ପାଲଟିଯିବ ଭଗବାନଙ୍କ ସ୍ୱରୂପ। ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ମହାପ୍ରଭୁ ଯିବେ ମାଉସୀ ଘର। ଚଳିତ ବର୍ଷ ଏକାମ୍ରକ୍ଷେତ୍ରରେ ଛୋଟ ବଡ଼ ମିଶି ପ୍ରାୟ ୫୪ଟି ରଥ ଗଢ଼ିବ ବୋଲି ସୂଚନା ରହିଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ ତଥାପି ବିଶେଷ ସୂତ୍ରରୁ ଏହା ଜଣାପଡ଼ିଛି। ରାଜଧାନୀରେ ଥିବା ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ କାରିଗର। ଭକ୍ତି ଓ ଭାବରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ।

ଭୁବନେଶ୍ୱରର ପ୍ରସିଦ୍ଧ ଇସ୍କନ୍ ମନ୍ଦିରରେ ଆନନ୍ଦ ଉଲ୍ଲାସରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ପୁରୀ ଜଗନ୍ନାଥ ମନ୍ଦିରର ରୀତିନୀତି ଅନୁଯାୟୀ ଏଠାରେ ସକାଳ ୭ଟାରେ ଗୁରୁ ପୂଜା ଏବଂ ଆଳତି, ୮ଟା ୩୦ରେ ରଥ ପ୍ରତିଷ୍ଠା ହେବ। ପୂର୍ବାହ୍ନ ୧୦ଟା ୩୦ରେ ତିନି ଠାକୁରଙ୍କ ପହଣ୍ଡି ବିଜେ କରାଯିବ। ମଧ୍ୟାହ୍ନ ଆଳତି ହେବାପରେ ଛେରାପହଁରା କରାଯିବ। ୩ଟାରେ ରଥଟଣା ଆରମ୍ଭ ହେବ। ସିଆରିପି ଛକ ଦେଇ ସନ୍ଧ୍ୟା ସୁଦ୍ଧା ସମସ୍ତ ରଥ ୟୁନିଟ୍-୮ ସ୍ଥିତ ମାଉସୀମା' ମନ୍ଦିରରେ ପହଁଚିବ।

ଶ୍ରୀବାଣୀ କ୍ଷେତ୍ରରେ ମଧ ରଥଯାତ୍ରା ପାଇଁ ଶ୍ରୀଜୀଉଙ୍କ ତିନି ରଥ ପ୍ରସ୍ତୁତ କାମ ଆରମ୍ଭ ହୋଇଛି। ପୁରୁଣା ରଥକୁ ଭଙ୍ଗାଯାଇ ନୂତନ ନିର୍ମାଣ କାର୍ଯ୍ୟରେ କାରିଗରମାନେ ଲାଗିପଡ଼ିଛନ୍ତି। ଏହାପରେ ରଙ୍ଗକାମ କରାଯାଇ ରଥକୁ ସଜ୍ଜିତ କରାଯିବ। ଶ୍ରୀବାଣୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ଏଠାକାର ବିଶେଷତ୍ୱ ହେଉଛି ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ଏହି ନଅ ଦିନରେ ପ୍ରତ୍ୟେକ ଦିନ ସଂଧାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

ସେହିପରି ଚନ୍ଦ୍ରଶେଖରପୁରସ୍ଥିତ ଆରସିଏମ୍ ପରିସରରେ ଏଥର ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହେବ ଘୋଷଯାତ୍ରା। ଏଥିପାଇଁ ଚକାଡୋଳା ଧାମ ଆରସିଏମ୍ ମନ୍ଦିର କମିଟି ପକ୍ଷରୁ ଶ୍ରୀଗୁଣ୍ଡିଚା ଯାତ୍ରାର ସମୟ ନିର୍ଘଣ୍ଟ କରାଯାଇଛି। ମନ୍ଦିରରୁ ବାହାରି ରଥ ନାଲ୍‌କୋ ଛକ ଦେଇ ଗଜପତି ନଗରସ୍ଥିତ ଦକ୍ଷିଣକାଳୀ ମନ୍ଦିର ନିକଟ ମାଉସୀ ମା' ମନ୍ଦିରକୁ ଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାଜଧାନୀର ସବୁଠୁ ପୁରୁଣା ଜଗନ୍ନାଥ ମନ୍ଦିର ଭାବେ ଓୟୁଏଟି କଲୋନୀ ଜଗନ୍ନାଥ ମନ୍ଦିରରେ ଆରମ୍ଭ ହୋଇଥିଲା ପ୍ରଥମ ରଥଯାତ୍ରା ମହୋତ୍ସବ। ତିନି ଠାକୁର ଝାଡ଼େଶ୍ୱରୀ ମନ୍ଦିରସ୍ଥିତ ମାଉସୀମା ମନ୍ଦିରକୁ ଯିବେ। ଏଠାରେ ରଥଯାତ୍ରାର ସମସ୍ତ କାର୍ଯ୍ୟ ପୁରୀ ଶ୍ରୀମନ୍ଦିର ରୀତି ନୀତିରେ କରାଯାଇଥାଏ। ଓୟୁଏଟି କଲୋନୀସ୍ଥିତ ଜଗନ୍ନାଥ ମନ୍ଦିରରୁ ରଥ ବାହାରି ଓୟୁଏଟି ଗେଷ୍ଟ ହାଉସ୍, ଗୋପବନ୍ଧୁ ଛକ, ସିରିପୁର ଛକ ଦେଇ ଝାଡ଼େଶ୍ୱରୀ ମାଉସୀମା ମନ୍ଦିରକୁ ଯିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସପ୍ତାହ ମଧ୍ୟରେ ଶେଷ ହେବ। ଏହାସହ ଜାଗମରା, କୋଳଥିଆ, ୟୁନିଟ୍ ୫ ସ୍ଥିତ ଏଜି ଅଫିସ ପଛ ପାଖ ଜଗନ୍ନାଥ ମନ୍ଦିର, ପଟିଆ, ଗାଡକଣ, ଡୁମଡୁମା ଫେଜ-୨, ଏକାମ୍ର ଶ୍ରୀକ୍ଷେତ୍ର, ସଚିବାଳୟ ଭିତରେ ଥିବା ଜଗନ୍ନାଥ ମନ୍ଦିର ପରିସର, ଡେଲ୍‌ଟା ଛକ, ବାଣୀବିହାର, ଭିଏସ୍‌ଏସ୍ ନଗର, ସହିଦ ନଗର, ବରମୁଣ୍ଡା ଓ ପୁରୁଣା ଭୁବନେଶ୍ୱର ଆଦି ବିଭିନ୍ନ ଅଞ୍ଚଳରେ ରଥଯାତ୍ରା ଜାକଜମକରେ ପାଳନ କରାଯିବ। ଏହାସହ ରାଜଧାନୀ ଓ ଏହାର ଆଖପାଖରେ ୪୦ରୁ ଅଧିକ ସ୍ଥାନରେ ରଥଯାତ୍ରା ଉତ୍ସବ ପାଳନ କରାଯିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି।

## ସ୍ମିତା ସୌମ୍ୟା ସ୍ୱାଇଁଙ୍କୁ 'ନୃତ୍ୟ ବର୍ଣ୍ଣାଳୀ ସମ୍ମାନ'



ଭୁବନେଶ୍ୱର, ୨୩।୬(ସମିସ): ଶ୍ରୀ ଦଶାବତାର ନାଟ୍ୟଶାଳା ଆନୁକୂଲ୍ୟରେ 'ନୃତ୍ୟ ବର୍ଣ୍ଣାଳୀ' ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଅପରାହ୍ନରେ ଅତିଥିଭାବେ ଲେଖିକା ତନୟା ଦାସ ଗୋସ୍ୱାମୀ, ଓଡ଼ିଶୀ ନୃତ୍ୟ ପ୍ରବୀଣା ନମିତା ରାୟ ଏବଂ ଫିଲ୍ମ ଏବଂ ଟେଲି ଆର୍ଟିଷ୍ଟ ହିତେଷା ବାଗ୍ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର କନିଷ୍ଠ ନୃତ୍ୟଶିଳ୍ପୀ ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହିପରି ସାନ୍ଧ୍ୟ ଅଧିବେଶନରେ ଅତିଥି ଭାବରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଜଗନ୍ନାଥ ପ୍ରଧାନ, ବିଜେପି ରାଜ୍ୟ କାର୍ଯ୍ୟନିର୍ବାହୀ ମେମ୍ବର ଏବଂ ବିଶିଷ୍ଟ ସମାଜସେବକ ଓ ଫିଲ୍ମ ନିର୍ମାତା ଡ଼. ଏଲ୍. ଏନ୍. ଅଗ୍ରୱାଲ (ହେମରାଜ) ଉପସ୍ଥିତ ରହିଥିଲେ। ଆଜି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନନ୍ୟ ପ୍ରତିଭା ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଶୁଭଶ୍ରୀ ପଟ୍ଟନାୟକ, ଡ଼. ପ୍ରକାଶ ଚନ୍ଦ୍ର ମିଶ୍ର 'ନାଟ୍ୟଶାଳା' ସମ୍ମାନରେ ସମ୍ମାନିତ କରାଯାଇଥିଲା ସେହିପରି ଭିନ୍ନକ୍ଷମ ସ୍ମିତା ସୌମ୍ୟା ସ୍ୱାଇଁଙ୍କୁ 'ନୃତ୍ୟ ବର୍ଣ୍ଣାଳୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବରିଷ୍ଠ ନୃତ୍ୟଶିଳ୍ପୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ମମତା ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶ୍ରୀମାନ୍ ସାଗର କୁମାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ରେଳ ବିକାଶର ସଫଳ ବିନ୍ଧାଣି ଥିଲେ ସାତକଡ଼ି ହୋତା



ଭୁବନେଶ୍ୱର, ୨୩।୬(ସମିସ): ଓଡ଼ିଶାରେ ରେଳ ବିକାଶର ସଫଳ ବିନ୍ଧାଣି ଓ କିମ୍ବଦନ୍ତୀ ପୁରୁଷ ସାତକଡ଼ି ହୋତା ଅଟନ୍ତି ବୋଲି ମତପ୍ରକାଶ ପାଇଛି। ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ସତକଡ଼ି ହୋତା ସ୍ମୃତି ସଂସଦର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବକ୍ତା ଓ ଆଲୋଚକ ଭାବେ ନାଟ୍ୟକାର ବିଜୟକୁମାର ମହାନ୍ତି, ସିଦ୍ଧାର୍ଥ କାନୁନ୍‌ଗୋ, ପିତାମ୍ବର ରଥ, ପ୍ରହଲ୍ଲାଦ ସାହୁ, ଶ୍ରୀବସ ମହାପାତ୍ର, ଶୁଭେନ୍ଦୁ ପର୍ଡା ପ୍ରମୁଖ ଯୋଗଦାନ କରି ଡ. ହୋତା ଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ, ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଡ. ହୋତାଙ୍କ ସହ ବିଗତ ଦିନର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସାମ୍ବାଦିକ ତଥା ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ନିରବ ପ୍ରାଥନା କରାଯାଇଥିଲା। ଶେଷରେ ତପନ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

## ବେଙ୍ଗାଲୁରୁରେ କଳିଙ୍ଗ ଯୁବସଂଘର ରକ୍ତଦାନ ଶିବିର



ଭୁବନେଶ୍ୱର, ୨୩।୬(ସମିସ): କଳିଙ୍ଗ ଯୁବ ସଂଘ ପକ୍ଷରୁ ଗୁଞ୍ଜୁରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମନୋହର ରେଡ୍ଡୀଙ୍କ ଉଦ୍ୟମରେ ପାହାଲଗାମ ଆକ୍ରମଣ ଓ ବେଙ୍ଗାଲୁରୁ ଆଇପିଏଲ୍‌ର ଟ୍ରଫି ଟ୍ରାଜେଡିରେ ମୃତ୍ୟୁ ହୋଇଥିବା ଲୋକଙ୍କ ସ୍ମୃତିରେ ପ୍ରତ୍ୟେକ ରକ୍ତଦାତା ଏକ ଗଛ ଲଗାଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସସ୍ୱତ କୁମାର ବରାଳ, ସଚିବ ବାମନ ଗିରି, ଉପ ସଚିବ ସରୋଜ ସାହୁ, ଉପସଭାପତି ନିର୍ ରାଜନ ଦାସ ଯୋଗଦେଇଥିବା ବେଳେ ସହସ୍ୟ ଅନିଲ ପୋଲୋରି, ଅମିତ ଜେନା, ପିଯେଶ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ପ୍ରାୟ ୧୦୦ ରୁ ଅଧିକ ଉତ୍ସାହୀ ଦାତା ରକ୍ତଦାନ କରିଥିଲେ।

## ଲାବଣ୍ୟ ଥିଏଟର ପକ୍ଷରୁ ନାଟକ 'ମାମୁଁ' ମଞ୍ଚସ୍ଥ



ଭୁବନେଶ୍ୱର, ୨୩।୬(ସମିସ): 'ମାମୁଁ'ଏଇ ଶବ୍ଦଟି ଉଚ୍ଚାରଣ କଲେ ନିଜ ଭିତରେ ଏକ ଆପଣାପଣ ଭାବ ଆସିଥାଏ। ପିଲାଟିଏ କାନ୍ଦିଲେ ତାକୁ 'ବାଘ ମାମୁଁ'ର ଭୟ ଦେଖାଇ ଚୁପ କରିଦିଆଯାଏ। ଶିଶୁଟିଏ ଅବୁଝା ହେଲେ ତାକୁ 'ଜହ୍ନ ମାମୁଁ' ଦେଖାଇ ବୁଝେଇ ଦିଆଯାଏ। ସତ କହିବାକୁ ଗଲେ 'ମାମୁ ଘର' ଆମ ଜୀବନଚର୍ଯ୍ୟାର ଏକ ଆକର୍ଷଣୀୟ ବିନ୍ଦୁଟିଏ। ଯେତିକି ଅଳି ଅଝଟ ପଣ, ସବୁ ସେଇ ମାମୁ ଘରେ। ଟିକିଏ ବୟସ ବଢ଼ିଗଲେ ଆମେ ପରିଚିତ ହେଉ ପୋଲିସ ମାମୁ ସହିତ ଓ ଏଠି ବି ସେଇ ଡର ଆଉ ଭୟର ଛାପ। ସମୟର ଅବଲୀଳା କ୍ରମେ ଆମ ଭିତରକୁ ଧସେଇ ପଶି ଆସନ୍ତି ଶକୁନି ମାମୁ ଆଉ କଂସ ମାମୁ। ସେଇ ମାମୁର କାୟା ଆଉ ଛାୟାକୁ ଆମେ ଦେଖୁ ଆମ ହାତପାଆନ୍ତାରେ ଅର୍ଥାତ ଆମ ସମସାମୟିକ ସମାଜରେ ଓ ଭୋଇସାହି ଆଉ ବେହେରାସାହି ଭିତରେ ଏଇ ମାମୁଁର ରାଜୁତିପ ରୁଦ୍ର ପୁରର ଘରେ ଘରେ ପରିଚିତ ଏଇ ମାମୁଁ ସଞ୍ଜ୍ଞାଧାରୀ ମଣିଷଟି। ଆଶ୍ଚର୍ଯ୍ୟର କଥା, ଯୁଗ ପରେ ଯୁଗ ବିତିଚାଲିଛି। ହେଲେ ଏଇ ମାମୁମାନଙ୍କର କେବେ ମୃତ୍ୟୁ ହୁଏନି। 'ନାଆଁ' ବଦଳିଯାଏ ହେଲେ ବ୍ୟକ୍ତିତ୍ୱ ବଦଳେ ନାହିଁ। 'ଭେକ' ବଦଳି ଯାଏ ହେଲେ 'ଭୋକ' ବଦଳେ ନାହିଁ। 'ଘଟ' ବଦଳିଯାଏ ହେଲେ 'ଘାଟ' ବଦଳେ ନାହିଁ। ମାମୁ ମାନେ ଚିର ଅମର। ଯୁଗକୁ ଯୁଗ କେବଳ ସେମାନଙ୍କର ରୂପାନ୍ତର ଘଟିଥାଏ। ଏମିତି କିଛି କାହାଣୀକୁ ନେଇ ଲାବଣ୍ୟ ଥିଏଟରର ୪୫ ତମ ନାଟକ 'ମାମୁଁ' ସୋମବାର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକ ଯୋଗଦେଇଥିଲେ। ନାଟକର ରଚନା ଡ଼. ନାରାୟଣ ସାହୁ କରିଥିବା ବେଳେ ସତ୍ୟ ଜେନା(ଟୁଲୁ) ନିର୍ଦ୍ଦେଶନାରେ ରହିଥିଲେ। ସେହିପରି ସହ ନିର୍ଦ୍ଦେଶନା:ସିପ୍ରା ଶତପଥି ରହିଥିବା ବେଳେ ସଙ୍ଗୀତରେ ରାଜେଶ ରହିଥିଲେ। ବିପିନ, ରମଣୀ, ପିଣ୍ଟୁ, ମିଥୁନ, ଟୁଟୁ, ମୁନା, ସୌମ୍ୟ, ଅମିତ, ଲିଟୁ, କାବେରୀ, ଡଲି, ସିପ୍ରା ଅଭିନୟ କରିଥିଲେ।

## ଫେମିନା ମିସ୍ ଇଣ୍ଡିଆରେ ଚମକିବେ ଓଡ଼ିଆ ଝିଅ

ଭୁବନେଶ୍ୱର, ୨୩।୬(ସମିସ): ଫେମିନା ମିସ୍ ଇଣ୍ଡିଆ ୨୦୨୫ରେ ଚମକିବେ ଓଡ଼ିଆ ଝିଅ। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ର ଗ୍ରାଣ୍ଡ ଫିନାଲେରେ ସୌନ୍ଦର୍ଯ୍ୟ ଏବଂ ଗ୍ଲାମର ମଞ୍ଚରେ ଓଡ଼ିଶାକୁ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବାର ସଫଳ ଚେହେରାଙ୍କୁ ଚୟନ କରାଯାଇଛି। ମିସ୍ ଇଣ୍ଡିଆ ସଂଗଠନ, ଟାଇମ୍ସ ଗ୍ରୁପ୍‌ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୫ରେ ରାଜ୍ୟର ପ୍ରତିନିଧିଙ୍କୁ ଚୟନ କରାଯାଇଛି। ପ୍ରତିଯୋଗିତାରେ ୧୨ ଜଣ ଫାଇନାଲିଷ୍ଟ ନିଜର ପ୍ରତିଭା, ସୁନ୍ଦରତା, ବୁଦ୍ଧିମତ୍ତାର ପ୍ରଦର୍ଶନ କରି ବିଭିନ୍ନ ପର୍ଯ୍ୟାୟରେ ନିଜକୁ ପ୍ରଦର୍ଶିତ କରିଥିବା ବେଳେ ତିନି ତାରକାଙ୍କୁ ବଛାଯାଇଥିଲା। ସେଥିମଧ୍ୟରୁ ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ର ଟାଇଟଲ୍ ହାସଲ କରିଛନ୍ତି ଆୟୁଷି ପଣ୍ଡା। ସେହିପରି ଏଥିରେ ପ୍ରଥମ ରନର୍ସ-ଅପ୍ ଭାବେ ମୁକୁଟ ହାସଲ କରିଛନ୍ତି ଭାସ୍ୱତି ପତି ଏବଂ ଦ୍ୱିତୀୟ ରନର୍ସ-ଅପ୍ ହୋଇଛନ୍ତି ନଭ୍ୟା ସରନ୍। ଚଳିତ ବର୍ଷ ଜୁରୀ ସଦସ୍ୟଙ୍କ ମଧ୍ୟରେ ଫେମିନା ମିସ୍ ଇଣ୍ଡିଆ ୱାର୍ଲଡ-୨୦୨୪ ନିକିତା ପୋରୱାଲ, ମିସ୍ ଇଣ୍ଡିଆ ସଂଗଠନ ବ୍ରାଣ୍ଡ ଏବଂ ଅପରେସନ୍ ମୁଖ୍ୟ ନତାଶା ଗ୍ରୋଭର, ମିସ୍ ଓଡ଼ିଶା ଇଣ୍ଡିଆ ବ୍ରାଣ୍ଡ ଆମ୍ବାସାଡର ଭୂମିକା ଦାଶ, ଏସଏନଏମ୍ ଗ୍ରୁପର ନିର୍ଦ୍ଦେଶକମ ସୋମା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ। ମିସ୍ ଓଡ଼ିଶା ଇଣ୍ଡିଆ ହେଉଛି ଫେମିନା ମିସ୍ ଇଣ୍ଡିଆ ଅଧୀନରେ ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତା, ଯାହା ଜାତୀୟ ଏବଂ ବିଶ୍ୱ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ମହିଳାମାନଙ୍କୁ ଏକ ପ୍ରମୁଖ ପ୍ଲାଟଫର୍ମ ପ୍ରଦାନ କରେ।



## ମାନସ ପଟ୍ଟନାୟକ ହେଲେ ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ ସଂଯୋଜକ

ଭୁବନେଶ୍ୱର, ୨୩।୬(ସମିସ): ଗାନ୍ଧୀ ତଥା ସର୍ବୋଦୟ ବିଚାରର ସର୍ବଭାରତୀୟ ଯୁବା ସଙ୍ଗଠନ 'ରାଷ୍ଟ୍ରୀୟ ଯୁବା ସଂଗଠନ'ର ଓଡ଼ିଶା ଶାଖା ପକ୍ଷରୁ ଯୁବ ଗାନ୍ଧୀବାଦୀ ନେତା ମାନସ ପଟ୍ଟନାୟକଙ୍କୁ କଟକ ସ୍ୱରାଜ ଆଶ୍ରମ ଠାରେ ଆୟୋଜିତ ରାଜ୍ୟ କାର୍ଯ୍ୟକାରିଣୀରେ ସର୍ବସମ୍ମତି କ୍ରମେ ରାଜ୍ୟ ସଂଯୋଜକ ଭାବେ ମନୋନୀତ କରାଯାଇଛି। ଏହି ମନୋନୟନ ପାଇଁ ତାଙ୍କୁ ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ କୁମାର ପ୍ରଶାନ୍ତ, ଗାନ୍ଧୀବାଦୀ ଲେଖିକା ଡ଼. ସୁଜାତା ଚୌଧୁରୀ, ଗାନ୍ଧୀବାଦୀ ଅର୍ଥନୀତିଜ୍ଞା ପ୍ରେରଣା ଦେଶାଇ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, କସ୍ତୁରବା ଗାନ୍ଧୀ ସ୍ମାରକ ଟ୍ରଷ୍ଟର ଜାତୀୟ ଉପ ସଭାନେତ୍ରୀ ଗାୟତ୍ରୀ ଦାସ, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ବାଜିରାଉତ ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳ ସାମାଜିକ କର୍ମୀ ମାନସ ରଞ୍ଜନ ସାହୁ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଲଜାଇଲ ପକ୍ଷରୁ ଗ୍ଲୋବାଲ୍ ଇନୋଭେସନ୍ ସେଣ୍ଟର୍ ଶୁଭାରମ୍ଭ




ଭୁବନେଶ୍ୱର, ୨୩।୬(ସମିସ): ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଭୁବନେଶ୍ୱରରେ ରିଟେଲ ଅପ୍ଟିମାଇଜେସନ୍ ଏବଂ ଯୋଗାଣ ଶୃଙ୍ଖଳା ସମାଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ଲଜାଇଲର ନୂତନ ଗ୍ଲୋବାଲ୍ ଇନୋଭେସନ୍ ସେଂଟରକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଏଆଇ ନୀତି ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦନ ପାଇଛି। ଯାହା କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଓଡ଼ିଶାକୁ ଏକ ନେତୃତ୍ୱ ଭାବରେ ସ୍ଥାନିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରମୁଖ ସଚିବ ବିଶାଲ ଦେବ ଭୁବନେଶ୍ୱରକୁ ଏକ ଅଗ୍ରଣୀ ଆଇଟି ଗନ୍ତବ୍ୟସ୍ଥଳ ଭାବରେ ଉନ୍ନୀତ କରିବା ପାଇଁ ରାଜ୍ୟର ମହତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ନୂଆ ସେଂଟର ଏଆଇ-ଚାଳିତ ଯୋଗାଣ ଶୃଙ୍ଖଳାର କାର୍ଯ୍ୟକାରିତା, ଷ୍ଟୋର-ଲେଭେଲ ଇନ୍‌ଭେଂଟୋରୀ ପ୍ଲାନିଙ୍ଗ, କର୍ମଚାରୀଙ୍କ ପରିଚାଳନା ଓ ଜେନେରେଟିଭ ଏଆଇ-ପରିଚାଳିତ ରିଟେଲ ଟେକ୍ନୋଲୋଜି ସମେତ କ୍ଲାଉଡ-ଭିତିକ ସାସ୍ ପ୍ଲାଟଫର୍ମର ବ୍ୟବହାର କରି ଅତ୍ୟାଧୁନିକ ରିଟେଲ ସଲ୍ୟୁଶନ ବିକଶିତ କରିବା ଉପରେ ଗୁରୁତ୍ୱ ଦେବ।

ଲଜାଇଲର ପ୍ରତିଷ୍ଠାତା ଓ ସିଇଓ ପୂର୍ଣ୍ଣ ମିଶ୍ର ଏହି କେନ୍ଦ୍ର ଉଦ୍ଭାବନ ପାଇଁ ଦୃଷ୍ଟିକୋଣ ଏବଂ ଏକ ଟେକ୍ନୋଲୋଜି ହବ୍ ଭାବେ ଓଡ଼ିଶାର ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାର ବିଷୟରେ କହିଥିଲେ। ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ଏବଂ ଲଜାଇଲର ଭାରତ ମୁଖ୍ୟ ଶୁଭାଶିଷ ପଟ୍ଟନାୟକ ମଧ୍ୟ ଯୋଗ ଦେଇଥିଲେ।

# ପଞ୍ଚରଥ ଶୈଳୀରେ ଏକାମ୍ରେଶ୍ୱର ମନ୍ଦିର

ଆମ ରାଜଧାନୀ ଆମ ଐତିହ୍ୟ



ଭୁବନେଶ୍ୱର, ୨୩।୬(ସମିସ): ପୁରାତନ ମନ୍ଦିରର ସାମହାର ହେଉଛି ପୁରୁଣା ଭୁବନେଶ୍ୱର। ତାର ପ୍ରତି ଗଳିରେ ରହିଛି ଐତିହ୍ୟ କୀର୍ତ୍ତିରାଜି। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୂକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡ଼ିତ। ଓଡ଼ିଶା ଇତିହାସର ଏପରି ଅନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ଏହି ସହର। ସେଥିମଧ୍ୟରୁ ଅନ୍ୟତମ ହେଉଛି ଏକାମ୍ରେଶ୍ୱର ମନ୍ଦିର। ଲିଙ୍ଗରାଜ ମନ୍ଦିରର ମୁଖ୍ୟଦ୍ୱାରଠାରୁ ମାତ୍ର ୫୦ ମିଟର ଦୂରରେ ଏହି ମନ୍ଦିର ରହିଛି।

ଏକାମ୍ରେଶ୍ୱର ମନ୍ଦିର ଶିବଙ୍କୁ ମସମର୍ପିତ ଏକ ଶୈବ ପୀଠ। ଯାହା ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ମନ୍ଦିରର ନିର୍ମାଣ ଶୈଳୀରୁ ଜଣାଯାଏ ଏହା ପଞ୍ଚରଥ ବିଶିଷ୍ଟ। ଯାହା ଗଙ୍ଗ ବଂଶ ସମୟରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ଏହା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରକ୍ଷଣାବେକ୍ଷଣ ହେଉଛି। କିମ୍ବଦନ୍ତୀରୁ ଜଣାଯାଏ ଏହି ମନ୍ଦିରଟି ପ୍ରଥମେ ଷଷ୍ଠ ଶତାବ୍ଦୀରେ ଚିହ୍ନଟ ହୋଇଥିଲା। ପରେ ପରେ ଅନ୍ୟ ରାଜବଂଶ ସମୟରେ ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପରବର୍ତ୍ତୀ ନିର୍ମାଣ କାର୍ଯ୍ୟ ଦ୍ୱାଦଶ ଶତାବ୍ଦୀରେ ଶେଷ ହୋଇଥିଲା। କୁହାଯାଏ ମନ୍ଦିରଟି ଏହାର ସମୃଦ୍ଧ ଇତିହାସ, ସ୍ଥାପତ୍ୟ ଏବଂ ଧାର୍ମିକ ଗୁରୁତ୍ୱ ପାଇଁ ବେଶ ଜଣାଶୁଣା। କିଛି ଐତିହାସିକଙ୍କ ମତରେ ଏହା ପଞ୍ଚଭୂତ ସ୍ଥଳ ମଧ୍ୟରୁ ଏହା ଗୋଟିଏ। ସେହିପରି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ବିସେଷକରି ମହିଳାମାନେ ତାଙ୍କ ସନ୍ତାନମାନଙ୍କ ରୋଗ ଏବଂ କଷ୍ଟ ଦୂର କରିବା ପାଇଁ ଏଠାରେ ପୂଜା କରିଥାନ୍ତି। ମନ୍ଦିରର ପାର୍ଶ୍ୱ ଦେବତା ଭାବେ ପ୍ରତି ଶୈବ ପୀଠପରି ଏଠାରେ ମଧ ଗଣେଷ, କାର୍ତ୍ତୀକ ଏବଂ ପାର୍ବତୀ ପୂଜା ପାଇଥାନ୍ତି।

### ଏବେ କେମିତି ରହିଛି



ମନ୍ଦିର ବର୍ତ୍ତମାନ ଅବସ୍ଥା ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ପୂର୍ବ ଅପେକ୍ଷା ମନ୍ଦିରର ଉଚ୍ଚତା ବର୍ତ୍ତମାନ ସମୟରେ ୨ ମିଟର ତଳକୁ ଦବିଗଲାଣି। ସେଠାରେ ଏକମ୍ର ପ୍ରକଳ୍ପ ଅଧୀନରେ କାମ ଚାଲିଥିବା ସମୟରେ ମନ୍ଦିର ପରିସରରୁ ଅନେକ ଭଗ୍ନ ମୂର୍ତ୍ତି ପୁନଃଉଦ୍ଧାର କରାଯାଇଥିବା ସୂଚନା ରହିଛି। ଯେଉଁଥିରେ ପାର୍ଶ୍ୱ ଦେଉଳ ଏବଂ ପାଦୁକା କୁଣ୍ଡ ମଧ୍ୟ ଅବଶେଷ ମିଳିଥିଲା। ହେଲେ ମେନ୍ଦିରର ଚତୁପାର୍ଶ୍ୱ ଏକାମ୍ର ପ୍ରକଳ୍ପ ଅନୁଯାୟୀ ସୌନ୍ଦର୍ଯ୍ୟୀକରଣ କରାଯାଇଥିଲେ ହେଁ ମନ୍ଦିରର କୈଣସି ପୁନଃଉଦ୍ଧାର କାର୍ଯ୍ୟ ଏପର୍ଯ୍ୟନ୍ତ ହୋଇପାରି ନାହିଁ। ଆହୁରି ମଧ ପରିସରରୁ ଉଦ୍ଧାର ହୋଇଥିବା ଭଗ୍ନଆବଶେଷ ସେଇଠାରେ ହିଁ ବର୍ଷା ପାଣି ଖାଉଛି। ମନ୍ଦିରର ଚାରିପାଖରେ ଅନାବନା ଗଛ ଉଠି ବଣ ହେବା ସହ ବାହାର ପାର୍ଶ୍ୱର ରଙ୍ଗ ବଦଳିଗଲାଣି। ସେହିପରି ମନ୍ଦିରର ପାର୍ଶ୍ୱ ଦେବତାଙ୍କ ମୂର୍ତ୍ତି ମଧ୍ୟରେ କାର୍ତ୍ତୀକଙ୍କ ମୂର୍ତ୍ତି ନଥିବାବେଳେ ଗଣେଶଙ୍କ ମୂର୍ତ୍ତି ଭଗ୍ନାବସ୍ଥାରେ ମନ୍ଦିରର ପଛ ପାଖକୁ ରହିଚି। ଏ ନେଇ ଯଥାଶିଘ୍ର ପଦକ୍ଷେପ ନେବା ଉଚିତ୍ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ଭୁବନେଶ୍ୱର ସିଟି



## କ୍ଲକ୍ ରୁମ୍‌ରେ ରହୁଛି ଚେନ୍ ବ୍ୟାଗ୍ ଓ ଲଗେଜ୍

# ଖୋଲା ବ୍ୟାଗ୍ ଲୋକେ ରଖିବେ କେଉଁଠି




ଭୁବନେଶ୍ୱର, ୨୩।୬(ସମିସ): ବରମୁଣ୍ଡାକୁ ପ୍ରତ୍ୟେକ ଦିନ ଅନେକ ଲୋକଙ୍କ ଯିବା ଆସିବା ଲାଗି ରହୁଛି। ଲୋକମାନେ ସାଙ୍ଗରେ ବ୍ୟାଗ ସହିତ ଅନେକ ଜିନିଷ ନେଇ ଯିବା ଆସିବା କରୁଛନ୍ତି। ଯେଉଁମାନେ ସାଙ୍ଗରେ ଲଗେଜ୍ ଏବଂ ଚେନ୍ ବ୍ୟାଗ ନେଇ ଆସୁଛନ୍ତି ସେମାନେ ବରମୁଣ୍ଡା ବସଷ୍ଟାଣ୍ଡ ଭିତରେ ଥିବା କ୍ଲକ୍ ରୁମ୍‌ରେ ରଖୁଛନ୍ତି। ହେଲେ ଯେଉଁମାନେ ସାଙ୍ଗରେ ଖୋଲା ବ୍ୟାଗ୍ ଏବଂ ଲାପ୍‌ଟପ୍ ନେଇ ଆସୁଛନ୍ତି ସେମାନେ ଏକ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**୪ ଘଣ୍ଟା ପର୍ଯ୍ୟନ୍ତ ଜିନିଷ ରଖିପାରୁଛନ୍ତି ଯାତ୍ରୀ**

ଏହି କ୍ଲକ୍ ରୁମ୍‌ରେ କେବଳ ଲଗେଜ୍ ସହିତ ଚେନ୍ ବ୍ୟାଗ୍ ରହିବାର ସୁବିଧା ରହିଛି। ଆଧାର କାର୍ଡ଼, ଭୋଟର କାର୍ଡ଼ ଆଦିକୁ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ ଦେଖାଇ କ୍ଲକ୍ ରୁମ୍‌ରେ ଏହି ବ୍ୟାଗ୍ ୪ ଘଣ୍ଟା ପର୍ଯ୍ୟନ୍ତ ରଖିପାରିବେ। ଲୋକମାନେ ବ୍ୟାଗ୍ ରଖିବା ପରେ ଏକ ଟୋକନ ମିଳିଥାଏ। ଚାରିଘଣ୍ଟା ପରେ ଯଦି ଯାତ୍ରୀ ଆସି ଜିନିଷ ନ ନିଅନ୍ତି ତେବେ ଉପରିସ୍ଥ ଅଫିସରଙ୍କ ସହିତ କଥା ହେବା ସହ ନିଜର ପ୍ରମାଣପତ୍ର ଦେଖାଇ ବ୍ୟାଗ୍ ନେବାକୁ ପଡ଼ିଥାଏ। କିନ୍ତୁ ଅନେକ ଲୋକ ସାଙ୍ଗରେ ଇଲେକ୍ଟ୍ରି ସାମଗ୍ରୀ ଏବଂ ଖୋଲା ବ୍ୟାଗ୍ ନେଇ ଆସୁଛନ୍ତି। ଏହି ସବୁ ରଖିବାର ସୁବିଧା ନଥିବା ବେଳେ ଅନେକ ଲୋକ ଏହାକୁ କାହିଁକି ରଖୁନାହଁ ବୋଲି ଝଗଡ଼ା କରିବା ସହ ପାଟିତୁଣ୍ଡ ମଧ୍ୟ କରୁଛନ୍ତି।

ଯଦି ଅମେ ଖୋଲା ବ୍ୟାଗ୍ କିମ୍ବା ଇଲେକ୍ଟ୍ରି ସାମଗ୍ରୀ ରଖିବୁ ତେବେ ସେ କିଛି ଅସୁବିଧା ହେଲେ ଆମ ଉପରକୁ ଦୋଷ ଆସିବ। ଆଉ ଲୋକଙ୍କର ସେହି ଜିନିଷ ଥିବ କି ନାହିଁ ଆମର ଏହି ଜିନିଷ ଥିଲା କୁଆଡ଼େ ଗଲା ବୋଲି କହିବେ ଏଣୁ ଏଥିପାଇଁ ଖୋଲା ବ୍ୟାଗ୍ କିମ୍ବା ଇଲେକ୍ଟ୍ରି ସମଗ୍ରୀ ରଖାଯାଉନାହିଁ ବୋଲି କ୍ଲକ୍ ରୁମ୍‌ରେ କାର୍ଯ୍ୟରତ ଜଣେ କର୍ମଚାରୀ କହିଛନ୍ତି। ଆମେ ଦୂରରୁ ଆସୁଛୁ। ଖାଇବାକୁ ଗଲେ କି ଏଇଠି ଟିକେ ଶୋଇବାକୁ ଇଚ୍ଛା ହେଲେ ଜିନିଷ ରଖିପାରୁନାହିଁ। ଏହି ରୁମ୍ ଥାଇ କି ଲାଭ କଣ ବୋଲି ଯାତ୍ରୀ କସ୍ତୁରୀ ପଶ୍ଚିମକବାଟ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କେବଳ ଆମେ ନୁହେଁ ଯେଉଁମାନଙ୍କ ବସ ରାତିରେ ରହୁଛି ସେମାନେ କଣ ଜିନିଷ ପତ୍ରକୁ ସାରା ଦିନ ଜଗି ବସିଥିବେ। ସୁବିଧା ସମସ୍ତଙ୍କ ପାଇଁ ସମାନ ହବା ଦରକାର ବୋଲି ସେ କହିଛନ୍ତି।

## ବିଏମ୍‌ସି ପକ୍ଷରୁ ଶୂନ ଦୁର୍ଘଟଣା ଦିବସ

# ମଟର୍ ସାଇକଲ୍ ଶୋଭାଯାତ୍ରା



ଭୁବନେଶ୍ୱର, ୨୩।୬(ସମିସ): ବିଏମସି ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ମିଳିତ ଉଦ୍ୟମରେ ଶୂନ ଦୁର୍ଘଟଣା ଦିବସ ପାଇଁ ଗତ ୧୦ତାରିଖରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ସୋମବାର ଜିରୋ ଆକ୍ସିଡେଣ୍ଟ ଡେ ଅବସରରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ମୁଖ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ୩୦୦ ଶହରୁ ଅଧିକ ବାଇକ ଆରୋହୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ବିଏମ୍‌ସି ମୁଖ୍ୟାଳୟରୁ ବାହାରି ବାଣି ବିହାର ଦେଇ ମାଷ୍ଟର କ୍ୟାଣ୍ଟିନଠାରୁ ୟୁ ଟର୍ଣ୍ଣ କରି ପୁଣି ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶୂନ ଦୁର୍ଘଟଣା ଦିବସ ପାଇଁ ଗତ ୩ ତାରିଖରୁ ରାଜ୍ୟ ବ୍ୟାପି ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ କମିଶନର ରତ୍ନାକର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରେ ମାନନୀୟା ମେୟର କିପରି ଟ୍ରାଫିକର ସମସ୍ତ ନିୟମ ମାନି ଗାଡି ଚଳାଇବା ଦରକାର ଏବଂ ଏହା ଦ୍ୱାରା ନିଜେ କିପରି ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ମାଡ୍ରାସ ଆଇଆଇଟିର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର୍ ରୋଡସେଫ୍ଟିର ପ୍ରମୁଖ ପ୍ରକଳ୍ପ ଅଧିକାରୀ ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଗଙ୍ଗାଧର ସାହୁ, ଶୂନ ଦୁର୍ଘଟଣା ଦିବସର ଶପଥପାଠ କରାଇଥିଲେ।

## ‘ସାଇକଳା ସଂସଦ’ ପକ୍ଷରୁ ରଜ ମହୋତ୍ସବ



ଭୁବନେଶ୍ୱର, ୨୩।୬(ସମିସ): ସାଇକଳା ସଂସଦର ରଜ ମହୋତ୍ସବ -୨୦୨୫ ଭଞ୍ଜକଳା ମଣ୍ଡପଠାରେ ରବିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଓଡ଼ିଶା ପର୍ଯ୍ୟଟନ ନିଗମର ପୂର୍ବତ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, କେ. ଶାନ୍ତି ଏବଂ ସାଇ କଳା ସଂସଦର ସମ୍ପାଦିକା ଗୁରୁ ପୁଷ୍ପାଞ୍ଜଳୀ ନାୟକ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନ ତରଫରୁ ଖାଣ୍ଟି ଓଡ଼ିଆଣୀ -୨୦୨୫ ସମ୍ମାନରେ ଗୁରୁ ରୁପଶ୍ରୀ ମହାପାତ୍ର ଓ ଗୁରୁ ମିରା ଦାସ, କଳାସମ୍ମାନ ଶ୍ରୀନିବାସ ଘଟୁଆରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ପ୍ରକାରର ଓଡ଼ିଆ ପିଠା, ମିଠା ଓ ରଜପାନ ସହିତ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ, ବିହୁ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସାଲିଆ ସାହି ମଦଭାଟିରେ ଚଢ଼ଉ

ଭୁବନେଶ୍ୱର, ୨୩।୬ (ସମିସ): ସାଲିଆ ସାହିରେ ଥିବା ଦେଶୀମଦ ଭାଟିରେ ଚଢ଼ଉ କରିଛି ପୁଲିସ। ମଦ ପ୍ରସ୍ତୁତ ଓ ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ଗିରଫ ମହିଳା ହେଲେ ନୀଳଚକ୍ର ନଗରର ଭଗବତୀ ହେମ୍ବ୍ରମ (୪୧) ଓ ସାହାଗି ହେମ୍ବ୍ରମ (୫୦)।

ପୁଲିସ ସୂଚନା ଅନୁସାରେ, ମୈତ୍ରୀ ବିହାର ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ସାଲିଆ ସାହିରେ ମଦ ବିକ୍ରି ନେଇ ଖବର ପାଇଥିଲା। ପୁଲିସ ଟିମ୍ ନୀଳଚକ୍ର ନଗରରେ ଚଢ଼ଉ କରି ଭଗବତୀଙ୍କୁ ଗିରଫ କରିଥିଲା। ତଲାସୀ ବେଳେ ତାଙ୍କ ହେପାଜତରୁ ୨୦ଟି ପ୍ଲାଷ୍ଟିକ ବାଲ୍ଟିରେ ଥିବା ୪୦୦ ଲିଟର ଦେଶୀମଦ ଜବତ କରାଯାଇଥିଲା। ସେହିପରି ଅନ୍ୟ ଏକ ଟିମ୍ ଚଢ଼ଉ କରି ପ୍ରଥମେ ସାହାଗିଙ୍କୁ ଗିରଫ କରିଥିଲା। ତାଙ୍କ ଘରୁ ୪୦୦ ଲିଟର ଦେଶୀ ମଦ ଥିବା ୨୦ ଟି ପ୍ଲାଷ୍ଟିକ ବାଲ୍ଟି ଜବତ କରାଯାଇଥିଲା। ତେବେ ଦୁଇ ମହିଳା ବିନା ଲାଇସେନ୍ସରେ ନିୟମିତ ଅବୈଧ ମଦ ପ୍ରସ୍ତୁତି ଓ ବିକ୍ରି କରୁଥିବା ଜଣାପଡ଼ିଥିଲା। ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଦୁଇ ମହିଳାଙ୍କୁ କୋର୍ଟ ଚାଲାଣ କରିଛି।

# ‘ନିଶା ନୁହେଁ, ଜୀବନ’ ସଚେତନତା ଏଲଇଡି ରଥର ଶୁଭାରମ୍ଭ

ଭୁବନେଶ୍ୱର, ୨୩।୬(ସମିସ): ବିଏମ୍‌ସି ପକ୍ଷରୁ ନିଶା ନୁହେଁ, ଜୀବନ ଏଲଇଡ଼ି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଏଲଇଡି ଖଚିତ ସଚେତନତା ଗାଡିର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର, ଅବକାରୀ ବିଭାଗର ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶୀଷ ପଟେଲ, ଡେପୁଟି ସୁପରିନଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁ, ଡେପୁଟି ସୁପରିଟେଣ୍ଡେଣ୍ଟ ବିଭୁତି ଭୂଷଣ ଦ୍ୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଗାଡି ସମଗ୍ର ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ନିଶା ନିବାରଣ ବାର୍ତ୍ତା ପ୍ରଚାର କରିବା ସହ ନିଶା ଖାଇ ଲୋକେ କିପରି ଦୁରାରୋଗରେ ପଡୁଛନ୍ତି। ସେ ସମ୍ପର୍କିତ ଭିଡିଓ ମଧ୍ୟ ଦେଖାଉଛି। ଆଜି ବରଗଡ଼, ମାଷ୍ଟର କ୍ୟାଣ୍ଟିନ, ବାପୁଜୀ ନଗର, ମାର୍କେଟ ବିଲଡିଂ, ଆଚାର୍ଯ୍ୟ ବିହାର, ନୟାପଲ୍ଲୀ ଆଦି ଅଞ୍ଚଳରେ ନିଶା ନିବାରଣ ସମ୍ପର୍କିତ ଭିଡିଓ ପ୍ରଦର୍ଶିତ କରିବା ସହ ଲୋକମାନଙ୍କୁ ସଚେତନ କରାଉଛି। ସରକାରଙ୍କର ନିଶା ନୁହେଁ, ଜୀବନ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ଚୋରା ମଦ ତଥା ନିଶା କାରବାର ବନ୍ଦ କରିବା, ନିଶା ସେବନ ନ କରିବା ଆଦି ସମ୍ପର୍କରେ ଏହି ରଥ ସଚେନତ କରାଉଛି।

# ଫୁଲ ନେଲେ; ଟଙ୍କା ଦେଲେନି

ଭୁବନେଶ୍ୱର, ୨୩।୬(ସମିସ): ଗୋଲାପ ଫୁଲ ନେଇ ଆଉ ଟଙ୍କା ଦେଲେନି ବ୍ୟବସାୟୀ। ଶେଷରେ ଏନେଇ ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି ଠକାମିର ଶିକାର ହୋଇଥିବା ମାନସ କୁମାର ପଟ୍ଟନାୟକ। ପୁଲିସ ଏହି ଅଭିଯୋଗ ଆଧାରରେ ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ମନୋଜ ମହାପାତ୍ର ନାମକ ବ୍ୟକ୍ତି ୪ନମ୍ବରରେ ଫୁଲ ବ୍ୟବସାୟ କରନ୍ତି। ତେଣୁ ମାନସ ତାଙ୍କୁ ୧ ଲକ୍ଷ ୯୫ ହଜାର ଟଙ୍କାର ଫୁଲ ଦେଇଥିଲେ। ହେଲେ ଧିରେ ଧିରେ ୧ଲକ୍ଷ ୩୮ ହଜାର ଟଙ୍କା ଦେଇଥିଲେ। ବାକି ଟଙ୍କା ନଦେଇ ଦିନ ଗଡ଼ାଇ ଯାଇଥିଲେ। ମାନସ ତାଙ୍କ ଦୋକାନକୁ ଯାଇ ଟଙ୍କା ମାଗିଲେ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଶେଷରେ କିଛି ବାଟ ନପାଇ ମାନସ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବକ୍ସ ଅଫିସରେ ରେକର୍ଡ କଲା ‘ବୋଉ ବୁଟୁ ଭୂତ’

# ୧୧ ଦିନରେ ୧୦ କୋଟି ଆୟ



ଭୁବନେଶ୍ୱର, ୨୩।୬(ସମିସ): ରଜ ଅବସରରେ ମୁକ୍ତିଲାଭ କରିଥିବା ବାବୁସାନଙ୍କ ଅଭିନୀତ ‘ବୋଉ ବୁଟୁ ଭୁତ’ ଚଳଚ୍ଚିତ୍ର ୧୧ ଦିନ ରେ ୧୦କୋଟି ଆୟ କରି ରେକର୍ଡ ସୃଷ୍ଟି କରିଛି। ପ୍ରଥମ ଦିନ ୫୧.୨ଲକ୍ଷ ଆୟ କରି ଏହା ଅନୁଭବଙ୍କ ‘କର୍ମ’ର ରେକର୍ଡକୁ ଭାଙ୍ଗିଥିବା ବେଳେ ଦ୍ୱିତୀୟ ଦିନରେ ୪୧.୩ ଲକ୍ଷ ଆୟ କରିଥିଲା। ସେହିପରି ମୁକ୍ତିଲାଭର ତୃତୀୟ ଦିନ ସୁଦ୍ଧା ଏହାର ଆୟ ଥିଲା ୧.୧୫ କୋଟି, ଚତୁର୍ଥ ଦିନ ସୁଦ୍ଧା ଏହାର ଆୟ ୨ କୋଟି ଏବଂ ପ୍ରଥମ ସପ୍ତାହରେ ୭.୧୫ କୋଟିରେ ପହଞ୍ଚି ଥିଲା। ୧୧ ଦିନରେ ୧୦ କୋଟିରୁ ଉର୍ଦ୍ଧ୍ୱ ଆୟ କରି ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ ସ୍ଥାପନ କରିଛି। ଓଡ଼ିଶା ତଥା ଓଡ଼ିଶା ବାହାରେ ୬୦୦ରୁ ଅଧିକ ଶୋ’ ହାଉସଫୁଲ ଯାଇଥିବା ବେଳେ ଆଗାମୀ ଦିନରେ ଏହା ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି। ଏହି ସଫଳତାର ଶ୍ରେୟ ଓଡ଼ିଶାବାସୀଙ୍କର ବୋଲି କହିଛନ୍ତି ବାବୁସାନ। ଏତେ ମାତ୍ରାରେ ଭଲପାଇବା ଦେଇ ଥିବାରୁ ସେ ଓଡ଼ିଆ ଦର୍ଶକଙ୍କୁ କୃତଜ୍ଞତା ଜଣାଇଛନ୍ତି। ବାବୁସାନ ଫିଲ୍ମସ ନିବେଦିତ ତଥା ତୃପ୍ତି ଶତପଥୀଙ୍କ ପ୍ରଯୋଜିତ ‘ବୋଉ ବୁଟୁ ଭୂତ’ ଓଡ଼ିଶା ତଥା ଓଡ଼ିଶା ବାହାରେ ସମୁଦାୟ ୯୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବାବେଳେ ଏହାର ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି ଓଲିଉଡ଼ର ସୁପରଷ୍ଟାର ବାବୁଶାନ୍ ମହାନ୍ତି ଏବଂ ଅର୍ଚ୍ଚିତା। ସେହିପରି ବରିଷ୍ଠ ଅଭିନେତ୍ରୀ ଅପରାଜିତାଙ୍କ ସମେତ ବହୁ ଆଗଧାଡ଼ିର କଳାକାରଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିଛି। ଏହି ହରର କମେଡି ଓ ସସ୍ପେନ୍ସ ଡ୍ରାମାର ‘ଡୁଙ୍ଗୁଥିଲି..’ ଏବଂ ‘ଓଦା ଲାଗେ..’ ଗୀତ ଦୁଇଟି ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଛି।

# ରାଜଭବନରେ ନିଶା ନିବାରଣ ସଂକ୍ରାନ୍ତ ସଚେତନତା



ଭୁବନେଶ୍ୱର, ୨୩।୬(ସମିସ): ଧୈର୍ଯ୍ୟ, ସାହସ ଏବଂ ଉପଯୁକ୍ତ ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ ହୋଇପାରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ସୋମବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ନିଶା ନିବାରଣ ସମ୍ପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ନିଶା ନିବାରଣ ଏକ ଶୀଘ୍ର ସମାଧାନର ପ୍ରସଙ୍ଗ ନୁହେଁ। ନିଶା ନିବାରଣ ପାଇଁ ସମୟ, ସାହସ, ପରିବାରର ଭୂମିକା, ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭରୁ ହସ୍ତକ୍ଷେପ ରହିଲେ ଲୋକମାନେ ନିଶାଠୁ ଦୂରେଇ ନିଜ ଜୀବନକୁ ପୁନଃ ନିର୍ମାଣ କରିପାରିବେ। ଏହା କେବଳ ବ୍ୟକ୍ତିଙ୍କୁ ନୁହେଁ ବରଂ ସେମାନଙ୍କ ପରିବାର ଏବଂ ସମାଜକୁ ମଧ୍ୟ ପ୍ରଭାବିତ କରେ। ନିଶା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ, ସମ୍ପର୍କ ଭାଙ୍ଗେ ଏବଂ ସାମାଜିକ ଓ ଆଇନଗତ ସମସ୍ୟା ସୃଷ୍ଟି କରେ। ତଥାପି ସଠିକ ସାହାଯ୍ୟ ଏବଂ ଚିକିତ୍ସା ଦ୍ୱାରା ଆରୋଗ୍ୟ ସମ୍ଭବ। ଚାପ, ସାଙ୍ଗସାଥିଙ୍କ ଚାପ, ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା କୌତୁହଳ ଯୋଗୁଁ ଲୋକମାନେ ନିଶାଗ୍ରସ୍ତ ହୋଇ ସମୟକ୍ରମେ ନିଶା ଉପରେ ନିର୍ଭରଶୀଳ ହୋଇଯାଆନ୍ତି ଏବଂ ନିଶା ଛାଡ଼ି ପାରନ୍ତି ନାହିଁ। ନିଶାଦ୍ରବ୍ୟ ଅପବ୍ୟବହାରର ଜାଲରେ ଯୁବପିଢ଼ିଙ୍କୁ ଫସିବାରୁ ରୋକିବା ପାଇଁ ପରିବାରର ଦୃଢ଼ ସମର୍ଥନ, ବ୍ୟାପକ ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଜ୍ଞାନପ୍ରକାଶର ବାର୍ଷିକ ଉତ୍ସବ ଓ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର, ୨୩।୬(ସମିସ): ଜ୍ଞାନ ପ୍ରକାଶର ନବମ ବାର୍ଷିକ ଉତ୍ସବ ଓ ଜାତୀୟ ସମ୍ମିଳନୀ ତଥା ସମ୍ବର୍ଦ୍ଧନା ପର୍ବ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନପ୍ରକାଶର ପ୍ରତିଷ୍ଠାତା ଜ୍ଞାନଚାନ୍ଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ଲକ୍ଷ୍ମୀଧର ବେହେରା, ଶିକ୍ଷା ବିଭାଗ ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ଦାସ, ୱାଇସିଡିଏର ସିଇଓ ରାଜେନ୍ଦ୍ର ମେହେର, ହାସ୍ୟ କବି ଜ୍ଞାନ ହୋତା, ଜ୍ଞାନ ପ୍ରକାଶର ରାଜ୍ୟ ମୁଖ୍ୟ, ତଥା ସହପସମ୍ପାଦିକା ଅମ୍ବିକା ସ୍ୱାଇଁ, ସମ୍ପାଦକ ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଜ୍ଞାନ ପ୍ରକାଶ ନବମ ବାର୍ଷିକ ସଂଖ୍ୟା ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବସନ୍ତ କୁମାର ସାହୁ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ଏବଂ ଶେଷରେ ଡ. ପ୍ରତାପ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟନଗର ପାର୍କରେ ‘ଯୋଗସଙ୍ଗମ’



ଭୁବନେଶ୍ୱର, ୨୩।୬(ସମିସ): ଭାରତୀୟ ଯୋଗ ସଂସ୍ଥାନର ମହାତ୍ମାଗାନ୍ଧୀ ଯୋଗ, ରମାଦେବୀ କ୍ଷେତ୍ର ପକ୍ଷରୁ ସତ୍ୟନଗର ପାର୍କଠାରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ‘ଯୋଗସଙ୍ଗମ’ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଯୋଗ ଦେଇଥିବା ପ୍ରାୟ ଶତାଧିକ ସାଧକ ସାଧିକା ଏବଂ ଅଧିକାରୀ, ସୂକ୍ଷ୍ମକ୍ରୀୟା, ଆସନ, ପ୍ରାଣାୟମ ଆଦି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ ଅଭ୍ୟାସ କରିଥିଲେ। ଯୋଗସଙ୍ଗମ ଉତ୍ସବଟି ରମାଦେବୀ କ୍ଷେତ୍ରର କ୍ଷେତ୍ର ପ୍ରଧାନ ସୌଦାମିନୀ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସେକ୍ରେଟାରୀ ଏବଂ ସଦସ୍ୟମାନଙ୍କ ସହିତ ସତ୍ୟନଗର ଲେଡିଜ୍ ଫୋରମ୍‌ର ସମ୍ପାଦିକା ଅନୁରାଧା ଦାଶ ଏବଂ ଫୋରମ୍‌ର ସଦସ୍ୟାମାନେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଧାନ ହୃଷୀକେଶ ନନ୍ଦ ନିୟମିତ ଯୋଗ କରିବା ପାଇଁ ସମସ୍ତଙ୍କୁ ଉପଦେଶ ଦେଇଥିଲେ। ସେହିପରି ମଞ୍ଚ ପରିଚାଳନା କରିଥିଲେ ରମାଦେବୀ କ୍ଷେତ୍ରର କ୍ଷେତ୍ର ମନ୍ତ୍ରୀ ମାନସ ରଞ୍ଜନ ନାୟକ ଏବଂ ଜିଲ୍ଲା ପ୍ରଧାନ ହୃଷୀକେଶ ନନ୍ଦ ଧନ୍ୟବାଦ ଦେଇଥିଲେ।

## ସେଣ୍ଟ ଜନ ଆମ୍ବୁଲାନ୍ସ କର୍ତ୍ତୃପକ୍ଷଙ୍କ ପାତରଅନ୍ତର ମନୋଭାବ

# ରଥଯାତ୍ରା ସେବାରୁ ମହିଳାଙ୍କୁ ବାରଣ

ଭୁବନେଶ୍ୱର, ୨୩।୬(ସମିସ)

ସରକାର ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଉଛନ୍ତି ବୋଲି କହୁଥିଲା ବେଳେ ରଥ ଯାତ୍ରରେ କିନ୍ତୁ ମହିଳା ସ୍ୱେଚ୍ଛାସେବୀଙ୍କୁ ଯିବା ପାଇଁ ମନାକରାଯାଉଛି। ମହାପ୍ରଭୁଙ୍କ ସେବା କରିବାରୁ ବିରତ ରଖିବାକୁ ବିଭିନ୍ନ ଆଳ ଦେଖାଯାଉଛି। ଏହାକୁ ନେଇ ଆରମ୍ଭ ହୋଇଛି ପ୍ରତିବାଦ। ଏଭଳି ନିଷ୍ପତ୍ତିକୁ ବିରୋଧ କରି ମହିଳା ସ୍ୱେଚ୍ଛାସେବୀମାନେ ରାଜ୍ୟପାଳ ଏବ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି। ମନମୁଖୀ ଭାବେ ନିଷ୍ପତ୍ତି ନେଇଥିବା ଉଚ୍ଚ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଭଳି ଆଦେଶ ତୁରନ୍ତ ପ୍ରତ୍ୟାହାର କରିବାକୁ ନିବେଦନ କରିଛନ୍ତି।



ଭାରତୀୟ ସେଣ୍ଟ ଜନ ଆମ୍ବୁଲାନ୍ସର ଓଡ଼ିଶା ଶାଖା ଦୀର୍ଘ ୫୦ ବର୍ଷ ଧରି ଯୁଦ୍ଧ, ଦୈବୀ ଦୁର୍ବିପାକ, ଦୁର୍ଘଟଣାରେ ପୀଡିତଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ଓ ଡାକ୍ତରଖାନାକୁ ନିରାପଦ ଭାବେ ସ୍ଥାନାନ୍ତର କରି ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଆସୁଅଛି। ଏହାର ମହିଳା ବ୍ରିଗେଡ଼ (ନର୍ସିଙ୍ଗ ଡିଭିଜନ) ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପ୍ରତ୍ୟେକ ବର୍ଷ ରଥଯାତ୍ରରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଚଳିତ ରଥଯାତ୍ରା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୂର୍ବ ବର୍ଷପରି ମହିଳା ନର୍ସିଙ୍ଗ ଡିଭିଜନ ଭାଗ ନେବ ବୋଲି ସ୍ଥିର କରାଯାଇଥିଲା। ସେଥିପାଇଁ ମହିଳା ଡିଭିଜନ ତାଲିମ ଓ ପ୍ରସ୍ତୁତି ଶେଷ କରିଥିଲା। ଏହାର ସଚିବ ଚଞ୍ଚକତା କଲେ। ସଭାପତି ରାଜ୍ୟପାଳ ଓ ଅଧ୍ୟକ୍ଷ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଗୋଚରରେ ଚିଠି ନମ୍ବର ୫୫୪ରେ ମନମୁଖୀ ଆଦେଶ ଦେଲେ କୌଣସି ମହିଳା ସ୍ୱଚ୍ଛୋସେବୀଙ୍କୁ ଏହି ରଥଯାତ୍ରାରେ ସେବା ପାଇଁ ସୁଯୋଗ ଦିଆ ଯିବ ନାହିଁ। କ୍ୟାମ୍ପରେ ରହିବା ସୁବିଧା ନଥିବାକୁ ଆଳ କରି ମହିଳା ସ୍ୱେଚ୍ଛାସେବୀଙ୍କୁ ଅନୁମତି ଦିଆଯାଇ ନାହିଁ।

ଏହି ଆଦେଶ ପ୍ରତ୍ୟାହାର ପାଇଁ ତାଙ୍କୁ ନିବେଦନ କଲେ ମଧ୍ୟ ସେ ଆଶ୍ରବ୍ୟ ଓ କଟୁ ଭାଷା ପ୍ରୟୋଗ ସହ ଧମକ ଚମକ ଦେଉଛନ୍ତି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

**ରାଜ୍ୟପାଳଙ୍କୁ ଚିଠି ଲେଖି ପ୍ରତିବାଦ ଜଣାଇଲେ**

ସଚିବଙ୍କୁ ତୁରନ୍ତ ଅପସାରଣ କରାଯାଇ ଜଣେ ଅଭିଜ୍ଞତା ସମ୍ପର୍ଣ୍ଣ ଡାକ୍ତରଙ୍କୁ ସଚିବ ପଦରେ ନିଯୁକ୍ତି ଦିଆ ଯାଉ। ବିଗତ ବର୍ଷମାନଙ୍କରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସରେ ଅନୁଷ୍ଠିତ ପ୍ୟାରେଡରେ ଭାଗନେଇ ପ୍ରଥମ ଦଳ ଭାବେ ଉଚ୍ଚ ପ୍ରଶଂସିତ ହେବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ସିଲଡ଼ ପାଇଥାଏ। ବିଗତ ଦୁଇ ବର୍ଷ ଧରି ବର୍ତ୍ତମାନର ସଚିବ ଏହା ବନ୍ଦ କରିଦେବା ଯୋଗୁଁ କେହି ଭାଗ ନେଇପାରୁନାହାନ୍ତି।

